# NATIONAL NEWS BULLETIN (ODIA)

## 12th April' 2026

## Morning Bulletin : 7.15 a.m.

**********************************

## <u>ମୁଖ୍ୟ ସମ୍ବାଦ</u>

- କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ସାଧନା ସପ୍ତାହରେ ୩ କୋଟି ୧୮ ଲକ୍ଷରୁ ଅଧିକ ପାଠ୍ୟକ୍ରମ ସମାପ୍ତ ହୋଇଥିବା ସୂଚନା ।
- ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ।
- ବିହାରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୩ ଜଣ ମୃତ ।

— ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଜି ମଧ୍ୟ ଜାରି ରହିବ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ପଞ୍ଜାବ କିଙ୍ଗସ୍ ବିଜୟୀ ।

— ଆଜି ଅନୁଷ୍ଠିତ ହେବ ୨ଟି ମ୍ୟାଚ୍ ।

## ସାଧନା ସପ୍ତାହ

କର୍ମଯୋଗୀ ଅଭିଯାନରେ 'ସାଧନା ସପ୍ତାହ'ରେ ୩ କୋଟି ୧୮ ଲକ୍ଷରୁ ଅଧିକ ପାଠ୍ୟକ୍ରମ ଶେଷ ହୋଇଥିବା ଜଣାପଡ଼ିଛି । ଚଳିତ ମାସ ୨ରୁ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ କର୍ମଯୋଗୀ ଅଭିଯାନରେ 'ଭବିଷ୍ୟତପାଇଁ ପ୍ରସ୍ତୁତି ତଥା ନାଗରିକକୈନ୍ଦ୍ରିକ ଓ ଦକ୍ଷତା ପରିଚାଳିତ ନାଗରିକ ସେବା ଇକୋ ସିଷ୍ଟମ୍‌ପାଇଁ ସାଧନା ସପ୍ତାହ' ଅନୁଷ୍ଠିତ ହୋଇଥିଲା । ସରକାରୀ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଶିକ୍ଷା ଓ କ୍ଷମତା ନିର୍ମାଣ ଉପରେ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଥିଲା ।

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ ଅନୁଯାୟୀ ୪୬ ଲକ୍ଷରୁ ଅଧିକ କର୍ମଚାରୀ ଅତିକମ୍‌ରେ ଗୋଟିଏ ପାଠ୍ୟକ୍ରମ ଶେଷ କରିଥିବାବେଳେ ୩୩ ଲକ୍ଷରୁ ଅଧିକ କର୍ମଚାରୀ ୪ ଘଣ୍ଟାରୁ ଅଧିକ ଶିକ୍ଷା ସମାପ୍ତ କରିଛନ୍ତି । ପ୍ରାୟ ୩୬ ଲକ୍ଷ ୬୦ ହଜାର କର୍ମଚାରୀ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧୀୟ ପାଠ୍ୟକ୍ରମରେ ସାମିଲ୍ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ

ଶିକ୍ଷକ, ପୁଲିସ୍ କର୍ମଚାରୀ ଏବଂ ଆଗଧାଡ଼ିର କର୍ମୀମାନଙ୍କ ଯୋଗଦାନ ୪୭ ପ୍ରତିଶତରୁ ଅଧିକ ରହିଥିଲା । ଏହି ଅଭିଯାନରେ ୧୩୬ଟି ୱେବିନାର୍ ଏବଂ ୮୪ଟି ଦଳଗତ ଆଲୋଚନା ଆୟୋଜିତ ହୋଇଥିଲା ।

## ଡବ୍ଲ୍ୟୁ.ବି. କ୍ୟାମ୍ପେ୍

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ଦାର ହୋଇଛି । ପ୍ରମୁଖ ରାଜନୈତିକ ଦଳର ବରିଷ୍ଠ ନେତାମାନେ ନିର୍ବାଚନୀ ସଭା ଓ ର୍‍ୟାଲିଗୁଡ଼ିକୁ ଉଦ୍‌ବୋଧନ ଦେଉଛନ୍ତି । ଗତକାଲି ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟୱା, ଜାଙ୍ଗିପୁର ଏବଂ କୁଶମଣ୍ଡିରେ ୩ଟି ର୍‍ୟାଲିରେ ସାମିଲ୍ ହୋଇଥିଲେ । ପଶ୍ଚିମବଙ୍ଗରେ ତୁଷ୍ଟୀକରଣ ରାଜନୀତିକୁ ସମାପ୍ତ କରି ଏକକ ନାଗରିକ ସଂହିତା ଲାଗୁ କରିବା ଲାଗି ଶ୍ରୀ ମୋଦି ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ ବି.ଜେ.ପି. କ୍ଷମତାକୁ ଆସିଲେ ପଶ୍ଚିମବଙ୍ଗରେ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଆରମ୍ଭ ହେବ । ଶ୍ରୀ ମୋଦି' ତୃଣମୂଳ କଂଗ୍ରେସକୁ ସମାଲୋଚନା କରି ସେଠାରେ ଦୁର୍ନୀତି ଏବଂ କୁଶାସନ ବୃଦ୍ଧି ପାଇଥିବା ଅଭିଯୋଗ କରିଥିଲେ ।

ବରିଷ୍ଠ ବି.ଜେ.ପି. ନେତା ଅମିତ୍ ଶାହା ପୁରୁଲିଆ ଏବଂ ବାଙ୍କୁରାରେ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ସରକାର ଗଠନ ହେବାର ୪୫ ଦିନ

ମଧ୍ୟରେ ସୀମାରେ ଅନୁପ୍ରବେଶ ବନ୍ଦ କରିବା ଲାଗି ତାରବାଡ଼ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦିଆଯିବ ବୋଲି କହିଥିଲେ । ବି.ଜେ.ପି. କ୍ଷମତାକୁ ଆସିଲେ ୪୫ ଦିନ ମଧ୍ୟରେ ସରକାରୀ କର୍ମଚାରୀଙ୍କପାଇଁ ସପ୍ତମ ବେତନ କମିଶନ ଲାଗୁ କରାଯିବ ବୋଲି ସେ କହିଥିଲେ ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ' ବାଙ୍କୁରା, ପଶ୍ଚିମ ମେଦିନପୁର ଏବଂ ଝାରଗ୍ରାମରେ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ଟି.ଏମ୍.ସି.କୁ ଭୋଟ୍ ଦେବାକୁ ଆହ୍ୱାନ ଦେଇଥିଲେ ।

## ବିହାର ଆକ୍ସିଡେଣ୍ଟ - ପ୍ରେଜ୍, ପି.ଏମ୍., ଭି.ପି.

ବିହାରର କଟିହାର ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ଗତକାଲି ସନ୍ଧ୍ୟା ୬ଟା ସମୟରେ ୩୧ ନମ୍ବର ଜାତୀୟ ରାଜପଥ କୋଢ଼ା ବ୍ଲକ୍‌ର ବାସଗଡ଼ା ଛକ ନିକଟରେ ସମ୍ପୃକ୍ତ ଯାତ୍ରୀବାହୀ ବସ୍‌ଟି ଏକ ପିକକ୍ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାରେ ଜଣେ ମୋଟର୍ ସାଇକେଲ୍ ଚାଳକଙ୍କ ମଧ୍ୟ ମୃତ୍ୟୁ ହୋଇଛି । ଆହତମାନଙ୍କୁ କୋଢ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପୂର୍ଣ୍ଣିଆ ମେଡିକାଲ୍ କଲେଜ୍‌ରେ ଚିକିତ୍ସା କରାଯାଉଛି । ସୂଚନା ଅନୁଯାୟୀ ଏକ ଧାର୍ମିକ ପୂଜା ସାରି ଝାଡ଼ଖଣ୍ଡରୁ ପିକକ୍

ଗାଡ଼ିରେ ଫେରୁଥିବା ଶ୍ରଦ୍ଧାଳୁମାନଙ୍କୁ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ବସ୍ ଧକ୍କା ଦେଇଥିଲା ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ' ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି ବର୍ଣ୍ଣନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ଉପରାଷ୍ଟ୍ରପତି ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗପାଇଁ ପ୍ରାର୍ଥନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟିହାର ଦୁର୍ଘଟଣାକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି କହିଛନ୍ତି । ଶ୍ରୀ ମୋଦି ପି.ଏମ୍. ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକମାନଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଅର୍ଥ ଘୋଷଣା କରିଛନ୍ତି ।

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହି ଘଟଣାରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

# ଇରାନ୍-ୟୁ.ଏସ୍. ଟକ୍

ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦଠାରେ ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଆଲୋଚନା ଆଜି ଜାରି ରହିବ । ପ୍ରାୟ ୧୫ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା ହୋଇଥିବା ସୂଚନା ମିଳିଛି । ଗତ ଦଶନ୍ଧି ମଧ୍ୟରେ ୱାଶିଂଟନ ଏବଂ ତେହେରାନ୍ ମଧ୍ୟରେ ଏହା ସର୍ବୋଚ୍ଚ ପ୍ରତ୍ୟକ୍ଷସ୍ତରୀୟ କଥାବାର୍ତ୍ତା ବୋଲି କୁହାଯାଇଛି । ଆମେରିକାର ଏକ ବିଶେଷଜ୍ଞ ଦଳ ଇରାନ୍‌ର ପ୍ରତିନିଧି ଦଳ ସହ ଆଲୋଚନା କରୁଛନ୍ତି ।

ଇରାନ୍‌ର ସରକାରୀ ଗଣମାଧ୍ୟମ ଅନୁଯାୟୀ ଏବେ ତୃତୀୟ ତଥା ନିର୍ଣ୍ଣାୟକ ପର୍ଯ୍ୟାୟ ଆଲୋଚନା ଚାଲିଛି । ପୂର୍ବ ୨ଟି ପର୍ଯ୍ୟାୟ ଆଲୋଚନା ପରେ ସଂଘର୍ଷ ସମାପ୍ତ କରିବା ଲାଗି ଇରାନ୍ ପକ୍ଷରୁ ଦିଆଯାଇଥିବା ଦଶସୂତ୍ରୀ ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇବା ନେଇ ଆଶା କରାଯାଉଛି । ଉଭୟ ପକ୍ଷ ମଧ୍ୟରେ ଲିଖିତ ତଥ୍ୟ ଆଦାନ ପ୍ରଦାନ ପରେ ଅନ୍ତିମ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଛି ।

ଇରାନ୍‌ର ତସ୍‌ନିମ୍ ସମ୍ବାଦ ସଂସ୍ଥା ଅନୁଯାୟୀ ଆଲୋଚନାରେ ପଶ୍ଚିମ ଏସିଆରେ ଯୁଦ୍ଧବିରତି, ଆମେରିକାଦ୍ୱାରା ରଖା ଯାଇଥିବା ରଖାଯାଇଥିବା ଇରାନ୍ ସମ୍ପତ୍ତିର ମୁକ୍ତି ଏବଂ ହର୍ମୁଜ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଉଛି । ଇରାନ୍‌ର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଆରେଫ୍ କହିଛନ୍ତି, ଯଦି

ଆମେରିକା ଇସ୍ରାଏଲ୍‌ର ସ୍ୱାର୍ଥକୁ ପ୍ରାଥମିକତା ଦିଏ, ତେବେ କୌଣସି ଚୁକ୍ତି ହେବ ନାହିଁ ।

ଆଲୋଚନାରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ଇରାନ୍ ସଂସଦର ବାଚସ୍ପତି ଓ ଉଭୟ ଦେଶର ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି ।

ଇସ୍‌ଲାମାବାଦରେ ଆଲୋଚନା ଚାଲିଥିବା ସମୟରେ ଏକ ଭିଡ଼ିଓ ବାର୍ତ୍ତାରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଇରାନ୍ ବିପକ୍ଷରେ ଏପର୍ଯ୍ୟନ୍ତ ଅଭିଯାନ ସମ୍ପୂର୍ଣ୍ଣ ଶେଷ ହୋଇ ନାହିଁ । ତେବେ ଇରାନ୍‌ର ପରମାଣୁ କାର୍ଯ୍ୟକଳାପକୁ ନଷ୍ଟ କରିଦିଆଯାଇଛି ବୋଲି ଶ୍ରୀ ନେତାନ୍ୟାହୁ ଦାବି କରିଛନ୍ତି ।

## କୁଏତ୍ ଟେରର୍ ନେଟ୍‌ୱାର୍କସ

କୁଏତ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ନିମନ୍ତେ ଆର୍ଥିକ ନେଟ୍‌ୱାର୍କ ବିରୋଧରେ ପରିଚାଳନା ସମ୍ପର୍କିତ ଅଭିଯାନରେ ୨୪ ଜଣଙ୍କୁ ଗିରଫ କରାଯାଇଛି । ସେଠାକାର ପ୍ରଶାସନିକ ସୂଚନା ଅନୁଯାୟୀ ସୁରକ୍ଷା ସେବା ଦୁର୍ବଳ କରିବା ଏବଂ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପାଣ୍ଠି ଯୋଗାଇବା ଯୋଜନାକୁ ନଷ୍ଟ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଗିରଫ

ହୋଇଥିବା ୨୪ ଜଣଙ୍କ ମଧ୍ୟରୁ ଜଣଙ୍କ ନାଗରିକତା ବାତିଲ କରାଯାଇଛି । ଅନ୍ୟପକ୍ଷରେ ଦେଶ ବାହାରେ ରହୁଥିବା ଅନ୍ୟ ୮ ଜଣ ନାଗରିକଙ୍କ ନାଗରିକତା ମଧ୍ୟ ବାତିଲ୍ କରାଯାଇଛି । ତଦନ୍ତକାରୀ ସଂସ୍ଥା ସୂଚନା ଅନୁଯାୟୀ ସମ୍ପୃକ୍ତ ନେଟ୍‌ୱାର୍କରେ ଜଡ଼ିତ ବ୍ୟକ୍ତିମାନେ ଧାର୍ମିକ ଭାବନା ସୃଷ୍ଟି କରି ଦାନ ସଂଗ୍ରହ କରୁଥିଲେ ଏବଂ ସେହି ଅର୍ଥକୁ ବେଆଇନ ସଂସ୍ଥାଗୁଡ଼ିକୁ ପଠାଉଥିଲେ । ସମ୍ପୃକ୍ତ ଅର୍ଥକୁ ଅନେକ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରାଯାଇଥିବା ଏବଂ ଚିହ୍ନଟରୁ ବର୍ତ୍ତିବାପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇଥିଲା । ଦେଶ ବାହାରୁ ଆସୁଥିବା ନିର୍ଦ୍ଦେଶ ଅନୁଯାୟୀ ସେମାନେ କାର୍ଯ୍ୟ କରୁଥିବା ଜଣାପଡ଼ିଛି ।

## ଫୁଏଲ୍ ଏକ୍ସପୋର୍ଟ ଡ୍ୟୁଟି

କେନ୍ଦ୍ର ସରକାର ଡିଜେଲ୍ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୨୧ ଟଙ୍କା ୫୦ ପଇସାରୁ ୫୫ ଟଙ୍କା ୫୦ ପଇସାକୁ ବୃଦ୍ଧି କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ବିମାନ ଟର୍‌ବାଇନ୍ ଇନ୍ଧନ ଉପରେ ମଧ୍ୟ ରପ୍ତାନୀ ଶୁଳ୍କ ଲିଟର ପିଛା ୨୯ ଟଙ୍କା ୫୦ ପଇସାରୁ ୪୨ ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ପେଟ୍ରୋଲ୍ ଉପରେ କୌଣସି ରପ୍ତାନୀ ଶୁଳ୍କ ଲାଗୁ ହୋଇ ନ ଥିବା କୁହାଯାଇଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ୨୩ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରି ଚଳିତ ସିଜିନ୍‌ରେ ପ୍ରଥମ ବିଜୟ ହାସଲ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୨୦ ଓଭର୍‌ରେ ୨ ୱିକେଟ୍ ବିନିମୟରେ ୨୧୨ ରନ୍ ସ୍କୋର୍ କରିଥିଲା । ସଞ୍ଜୁ ସାମ୍‌ସନ୍ ୫୬ଟି ବଲ୍‌ରୁ ୧୧୫ ରନ୍ ସଂଗ୍ରହ କରିଥିବାବେଳେ ଆୟୁଷ୍ ମାହାତ୍ରେ ଅଣଷଠି ରନ୍ କରିଥିଲେ । ଜବାବରେ ଦିଲ୍ଲୀ କ୍ୟାପିଟାଲ୍‌ସ ୨୦ ଓଭରେ ସମସ୍ତ ୱିକେଟ୍ ହରାଇ ଶହେ ଅଣାନେବ ରନ୍ କରିବାକୁ ସକ୍ଷମ ହୋଇଥିଲା । ସଞ୍ଜୁ ସାମ୍‌ସନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ନୂଆ ଚଣ୍ଡିଗଡ଼ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୧୯ ରନ୍ ସ୍କୋର୍ କରିଥିବାବେଳେ ଏହାର ଜବାବରେ ପଞ୍ଜାବ କିଙ୍ଗ୍‌ସ ୭ଟି ବଲ୍ ବାକିଥାଇ ମାତ୍ର ୪ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଜି ଆଇ.ପି.ଏଲ୍.ରେ ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ମିନିଟ୍‌ରେ ଗୁଜରାଟ୍ ଟାଇଟନସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଏବଂ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ରେସ୍‌ଲିଂ - ଏସିଆନ୍ ଚାମ୍ପିୟନସିପ୍

କିର୍‌ଗିଜସ୍ତାନର ବିସ୍କେକ୍‌ଠାରେ ଅନୁଷ୍ଠିତ ଏସୀୟ କୁସ୍ତି ଚାମ୍ପିୟନ୍‌ସିପ୍‌ରେ ଗତକାଲି ଭାରତର ସୁଜିତ କାଲ୍‌କାଲ୍ ଓ ଅଭିମନ୍ୟୁ ମାଣ୍ଡୁଆଲ୍ ୬୫ କିଲୋଗ୍ରାମ ଏବଂ ୭୦ କିଲୋଗ୍ରାମ୍ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୬୫ କିଲୋଗ୍ରାମ୍ ବର୍ଗରେ ସୁଜିତ ଉଜ୍‌ବେକିସ୍ତାନର ଉମ୍ମିଜୋନ୍‌ଙ୍କୁ ୮-୧ରେ ପରାସ୍ତ କରିଥିବାବେଳେ ଅଭିମନ୍ୟୁ ମଙ୍ଗୋଲିଆର ତୋମୋରୋଙ୍କୁ ୫-୩ରେ ପରାସ୍ତ କରିଥିଲେ । ଏହି ଚାମ୍ପିୟନ୍‌ସିପ୍‌ରେ ଭାରତର ପଦକ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ସେଥିରେ ୨ଟି ସ୍ୱର୍ଣ୍ଣ ଏବଂ ୪ଟି ରୌପ୍ୟ ପଦକ ରହିଛି ।

ଅନ୍ୟପକ୍ଷରେ ସେମିଫାଇନାଲ୍‌ରେ ଇରାନ୍‌ର ଖେଳାଳିଙ୍କୁ ୧୧-୯ରେ ପରାସ୍ତ କରି ଅମନ୍ ସେହରାବତ୍ ୬୧ କିଲୋଗ୍ରାମ୍ ଫାଇନାଲ୍‌ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।

*****